# NATIONAL NEWS BULLETIN (ODIA)
## 23 July - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନିଯୁକ୍ତି, ଦକ୍ଷତା, ଏମ୍.ଏସ୍.ଏମ୍.ଇ. ଏବଂ ମଧ୍ୟବିତ୍ତ ବର୍ଗ ଉପରେ ବଜେଟ୍ କେନ୍ଦ୍ରୀଭୂତ ହୋଇଛି, କହିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

– ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଜେଟ୍‌କୁ କଲେ ସ୍ୱାଗତ ।

- ପ୍ରଶ୍ନପତ୍ର ପ୍ରଘଟ ଏବଂ ଅନିୟମିତତା ଆଧାରରେ ନିଟ୍ ୟୁ.ଜି. ପରୀକ୍ଷାକୁ ବାତିଲ କରାଯାଇପାରିବ ନାହିଁ ସ୍ପଷ୍ଟ କଲେ ସୁପ୍ରିମ୍‌କୋର୍ଟ୍ ।
- ଜଳଜୀବନ ମିଶନ୍ ଅଧୀନରେ ପାଇପ୍ ଜଳଯୋଗାଣ ପାଇଛନ୍ତି ଦେଶର ୧୫ କୋଟି ଗ୍ରାମୀଣ ପରିବାର ।
- ଭୂସ୍ଖଳନ ଯୋଗୁଁ ଇଥିଓପିଆରେ ୧୫୫ ଜଣଙ୍କର ମୃତ୍ୟୁ ।

ଏବଂ

- ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଏବଂ ନେପାଳ ମଧ୍ୟରେ ମୁକାବିଲା ଜାରି ।

# ବଜେଟ୍

ଚଳିତ ଆର୍ଥିକ ବର୍ଷର ବଜେଟ୍ ନିଯୁକ୍ତି, ଦକ୍ଷତା, ଅଣୁକ୍ଷୁଦ୍ର,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ମଧ୍ୟବିତ୍ତ ବର୍ଗ ଉପରେ କେନ୍ଦ୍ରୀଭୂତ ହୋଇଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଲୋକସଭାରେ ବଜେଟ୍ ଆଗତ କରି ଅର୍ଥମନ୍ତ୍ରୀ କହିଛନ୍ତି, ଦେଶର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି । ଆଗାମୀ ୫ ବର୍ଷ ମଧ୍ୟରେ ୪ କୋଟି ୧ ଲକ୍ଷ ଯୁବକଙ୍କୁ ରୋଜଗାର ଯୋଗାଇ ଦେବା ଲାଗି ୫ଟି ଯୋଜନାରେ ୨ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବାର ବ୍ୟବସ୍ଥା ହୋଇଛି ।

ଚଳିତ ବଜେଟ୍‌ରେ ସମସ୍ତଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ୯ଟି କ୍ଷେତ୍ରକୁ ପ୍ରାଥମିକତା ପ୍ରଦାନ କରାଯାଇଛି । ଏଥିରେ କୃଷି, ନିଯୁକ୍ତି ଏବଂ ଦକ୍ଷତା, ମାନବ ସମ୍ବଳ ବିକାଶ ଓ ସାମାଜିକ ନ୍ୟାୟ, ଉତ୍ପାଦନ ଏବଂ ସେବା, ନଗର ଉନ୍ନୟନ, ଶକ୍ତି ସୁରକ୍ଷା, ଭିତ୍ତିଭୂମି, ଉଦ୍ଭାବନ, ଗବେଷଣା ଏବଂ ବିକାଶ ଓ ଉତ୍ପାଦକତା ଓ ସ୍ଥିରତା ଅନ୍ତର୍ଭୁକ୍ତ । କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧ଲକ୍ଷ ୫୨ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ରାଜ୍ୟଗୁଡ଼ିକ ସହଭାଗିତାରେ ସରକାର ଆଗାମୀ ୩ ବର୍ଷ ମଧ୍ୟରେ କୃଷି

କ୍ଷେତ୍ରରେ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି -ଡି.ପି.ଆଇ. କାର୍ଯ୍ୟକାରୀ କରିବେ।

ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ପାଇଁ ସରକାର ପୂର୍ବୋଦୟ ନାମକ ଏକ ଯୋଜନା ପ୍ରସ୍ତୁତ କରିବେ । ଓଡିଶାରେ ଅଭୟାରଣ୍ୟ ଏବଂ ପର୍ଯ୍ୟଟନର ଭିତ୍ତିଭୂମି ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ।

ନୂଆ ଟିକସ ବ୍ୟବସ୍ଥାରେ ଆୟକରରେ ବେତନଭୋଗି କର୍ମଚାରୀଙ୍କ ପାଇଁ ସାଧାରଣ ଛାଡ ସୀମାକୁ ୫୦ ହଜାର ଟଙ୍କାରୁ ୭୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ପେନ୍‌ସନ୍‌ଭୋଗୀଙ୍କ ପାଇଁ ପାରିବାରିକ ପେନ୍‌ସନ୍ ଉପରେ ରିହାତି ୧୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ନୂଆ ଟିକସ ହାର ଢାଞ୍ଚାରେ କେତେକ ପରିବର୍ତ୍ତନ କରାଯାଇଛି । ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କର ଛାଡ କରାଯାଇଛି । ଏହି ପରିବର୍ତ୍ତନ ଫଳରେ ନୂଆ ଟିକସ ବ୍ୟବସ୍ଥାରେ ଜଣେ ବେତନଭୋଗୀ କର୍ମଚାରୀ ୧୭ ହଜାର ୫ ଶହ ଟଙ୍କା ପର୍ଯ୍ୟନ୍ତ ଆୟକର ସଞ୍ଚୟ କରିପାରିବେ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି। ଅନ୍ୟପକ୍ଷରେ ନୂଆ ପେନ୍‌ସନ୍ ସ୍କିମ୍-ଏନ୍.ପି.ଏସ୍. ବାବଦରେ କେନ୍ଦ୍ର ସରକାର ନିଯୁକ୍ତିଦାତାଙ୍କ ରିହାତି ନିମନ୍ତେ କର୍ମଚାରୀଙ୍କ ଦରମାର ଅଂଶଧନ ୧୦ରୁ ୧୪ ପ୍ରତିଶତକୁ ବୃଦ୍ଧି କରିଛନ୍ତି।

ଭାରତୀୟ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍‌କୁ ସୁଦୃଢ଼ କରିବା, ଉଦ୍ୟୋଗୀ ଭାବନାକୁ ପ୍ରୋତ୍ସାହିତ କରିବା ଏବଂ ଉଦ୍ଭାବନକୁ ସମର୍ଥନ କରିବା ପାଇଁ ନିବେଶକଙ୍କ ଲାଗି କେତେକ ରିହାତି ବ୍ୟବସ୍ଥା ମଧ୍ୟ କରାଯାଇଛି । ସୁନା ଓ ରୁପା ଉପରେ ସୀମା ଶୁଳ୍କ ୬ ପ୍ରତିଶତ ଏବଂ ପ୍ଲାଟିନମ୍ ଉପରେ ସୀମା ଶୁଳ୍କ ୬ ଦଶମିକ ୪ ପ୍ରତିଶତକୁ ହ୍ରାସ କରାଯାଇଛି। ସେହିଭଳି କର୍କଟ ରୋଗ ଔଷଧ, ମୋବାଇଲ ଫୋନ, ମୋବାଇଲ ଚାର୍ଜର, ଦେଶରେ ଉତ୍ପାଦିତ ହେଉଥିବା ଚମଡା, କପଡା ଏବଂ ଯୋତା, ସାମୁଦ୍ରିକ ଉତ୍ପାଦ, ଏକ୍ସରେ ମେସିନ, ବୈଦ୍ୟୁତିକ ତାର ଆଦି ଶସ୍ତା ହେବ ।

ଚଳିତ ବଜେଟ୍‌ରେ ଦେଶର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩ କୋଟି ଅତିରିକ୍ତ ଗୃହ ନିର୍ମାଣ କରାଯିବା ପାଇଁ ୧୦ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ମହିଳା ଓ ବାଳିକାଙ୍କ ନିମନ୍ତେ ଆଧାରିତ ଯୋଜନା ପାଇଁ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଆଦିବାସୀ ସମ୍ପ୍ରଦାୟର ବିକାଶ ନିମନ୍ତେ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନରେ ୬୩ ହଜାର ଗ୍ରାମକୁ ସାମିଲ କରାଯିବ।

# ପିଏମ୍-ବଜେଟ୍

ବଜେଟ୍ ଲୋକାଭିମୁଖୀ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ସହ ସମାଜର ସମସ୍ତ ବର୍ଗର ଲୋକମାନଙ୍କ ହିତକୁ ଉଦ୍ଦେଶ୍ୟରେ ରଖି ଏହି ବଜେଟ୍ ପ୍ରସ୍ତୁତ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ସେ କହିଛନ୍ତି, ସରକାର ଏହି ବଜେଟ୍‌ରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଏକ ଭିଡ଼ିଓ ବାର୍ତ୍ତା ମାଧମରେ ଏହି ବଜେଟ୍ ଉପରେ ମତଦେଇ ଶ୍ରୀ ମୋଦୀ କହିଛନ୍ତି, ଏହି ବଜେଟ୍ ନୂତନ ସୁଯୋଗ, ନୂତନ ଶକ୍ତି, ନୂତନ ନିଯୁକ୍ତି ତଥା ଆତ୍ମନିର୍ଭର ରୋଜଗାର ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ପ୍ରସ୍ତୁତ କରାଯାଇଛି । ଦେଶରେ ଅଭିବୃଦ୍ଧିଙ୍କୁ ତ୍ୱରାନ୍ୱିତ କରିବା ଏବଂ ଉଜ୍ଜ୍ୱଳ ଭବିଷ୍ୟତ ସୃଷ୍ଟି କରିବାରେ ଏହି ବଜେଟ୍ ସହାୟତା ହେବ ବୋଲି ସେ କହିଛନ୍ତି । ଏହି ବଜେଟ୍ ଦେଶର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ସହ ବିଶ୍ୱସ୍ତରରେ ବିକାଶୋନ୍ମୁଖୀ ରାଷ୍ଟ୍ର ଭାବେ ପ୍ରତିପାଦିତ କରିବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ତାଙ୍କର ସହଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସମଗ୍ର ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ରଧାନ-ବଜେଟ୍

ଚଳିତ ବଜେଟ୍‌ରେ ସବୁ ବର୍ଗର ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଇଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପୂର୍ବୋଦୟ ଅଧୀନରେ ବିକଶିତ ଭାରତ ବଜେଟ୍‌ରୁ ଓଡ଼ିଶା ସବୁ କ୍ଷେତ୍ରରୁ ବିଶେଷ ଲାଭ ପାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଆଗାମୀ ଦିନରେ ଓଡ଼ିଶା ଦେଶର ଆର୍ଥିକ ଅଭିବୃଦ୍ଧିର ଚାବିକାଠି ହେବ । ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ଼ କରିବାର ଘୋଷଣା ରାଜ୍ୟକୁ ପର୍ଯ୍ୟଟନ କ୍ଷେତ୍ରରେ ନୂଆ ପରିଚୟ ଦେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶିକ୍ଷା, ଦକ୍ଷତା ଏବଂ ନିଯୁକ୍ତି କ୍ଷେତ୍ରରେ ୧ ଲକ୍ଷ ୪୮ ହଜାର କୋଟି ଟଙ୍କା ଅନୁଦାନ ଯୁବଶକ୍ତିଙ୍କ ସ୍ୱପ୍ନ ପୂରଣ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି ।

## ମିନିଷ୍ଟର-ରେଳ ବଜେଟ୍

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବଜେଟ୍‌କୁ ସ୍ୱାଗତ କରିବା ସହ ରେଳବାଇ ପାଇଁ ଏଥିରେ ଐତିହାସିକ ପଦକ୍ଷେପ ନିଆଯାଇଥିବା କହିଛନ୍ତି । ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ରେଳବାଇ ପାଇଁ ଚଳିତଥର ୨ଲକ୍ଷ ୬୨ ହଜାର ୨୦୦ କୋଟି ଟଙ୍କାର ବୃହତ ବଜେଟ୍ ପ୍ରସ୍ତୁତ କରାଯାଇଛି । ସେ କହିଛନ୍ତି, ରେଳବାଇ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏହା ସହାୟକ ହେବ । ଶ୍ରୀ ବୈଷ୍ଣବ

କହିଛନ୍ତି, ରେଳବାଇ ସୁରକ୍ଷାକୁ ଦୃଷ୍ଟିରେ ରଖି ୧ଲକ୍ଷ ୮ ହଜାର କୋଟି ଟଙ୍କାର ସରକାର ବ୍ୟବସ୍ଥା କରାଯାଇଛି । ସେ କହିଛନ୍ତି, ୨୦୧୪ ପୂର୍ବରୁ ବଜେଟ୍‌ରେ ରେଳବାଇକୁ କେବଳ ୩୫ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରାଯାଇଥିଲା ।

## ବଜେଟ୍-ଫିକି

ଶିଳ୍ପ ଗୋଷ୍ଠୀ ସଂଘ ଫିକି ବଜେଟ୍‌କୁ ସ୍ୱାଗତ କରିଛି । ନୂଆଦିଲ୍ଲୀ ଠାରେ ଗଣମାଧ୍ୟମ ସହ ଆଲୋଚନା ବେଳେ ଫିକିର ସଭାପତି ଅନିଶ ଶାହା ବଜେଟ୍‌କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଏହି ବଜେଟ୍ ଯୁବବର୍ଗ, ମହିଳା ଏବଂ କୃଷକଙ୍କ ପାଇଁ ଉପଯୋଗୀ ହେବା ସହ ଦେଶର ଅଭିବୃଦ୍ଧିହାରକୁ ବଢ଼ାଇପାରିବ ।

## ଜେଆଣ୍ଡକେ-ୟୁନିଅନ୍ ବଜେଟ୍

ଜାମ୍ମୁ କାଶ୍ମୀରର ବିକାଶକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବଜେଟ୍‌ରେ ୪୨ହଜାର ୨୭୭ କୋଟି ୭୪ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଗତ ଆର୍ଥିକ ବର୍ଷ ତୁଳନାରେ ଏହା ୧ ଦଶମିକ୍ ୨ ପ୍ରତିଶତ ଅଧିକ । ସାଧାରଣ ବଜେଟ୍‌ରେ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡ଼ିକ କେନ୍ଦ୍ରୀୟ ସହାୟତା ବାବଦରେ ୪୦ ହଜାର ୬୧୯ କୋଟି ୩୦ ଲକ୍ଷ ଟଙ୍କା ଆବଣ୍ଟନ

କରାଯାଇଛି । ଜାମ୍ମୁ କାଶ୍ମୀରରେ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଅନୁଦାନ ଆକାରରେ ୨୭୯ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ସାଧାରଣ ବଜେଟ୍ ସହ ଜାମ୍ମୁ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ବଜେଟ୍ ମଧ୍ୟ ଆଜି ଲୋକସଭାରେ ଅର୍ଥମନ୍ତ୍ରୀ ଉପସ୍ଥାପନ କରିଥିଲେ । ଏହାପରେ ଲୋକସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି ।

ସେହିଭଳି ରାଜ୍ୟସଭାରେ ମଧ୍ୟ ବଜେଟ୍ ଉପସ୍ଥାପନ ହୋଇଥିଲା । ଏହାପରେ ରାଜ୍ୟସଭାକୁ ମଧ୍ୟ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା ।

## ଏସ୍‌ସି-ନିଟ୍

ପ୍ରଶ୍ନପତ୍ର ପ୍ରଘଟ ଏବଂ ଅନିୟମିତତା ଆଧାରରେ ନିଟ୍ ୟୁ.ଜି. ୨୦୨୪ ପରୀକ୍ଷାକୁ ବାତିଲ କରାଯାଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପାର୍ଦ୍ଦିୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକାଧିକ ଆବେଦନର ଶୁଣାଣି କରି ଏହି ନିଷ୍ପତ୍ତି ନେଇଛନ୍ତି । ସୁପ୍ରିମ୍‌କୋର୍ଟ କହିଛନ୍ତି, ପୁନଃ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦ୍ୱାରା ୨୩ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପ୍ରଭାବିତ ହେବା ସହ ଚଳିତ ବର୍ଷର ଶିକ୍ଷା ବ୍ୟବସ୍ଥା ପ୍ରଭାବିତ

ହେବ । ଏହାର ପ୍ରଭାବ ମଧ୍ୟ ଆଗାମୀ ଶିକ୍ଷା ବର୍ଷ ଗୁଡ଼ିକ ଉପରେ ପଡ଼ିବ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି ।

## ଜଳଜୀବନ ମିଶନ୍

ଜାତୀୟ ଜଳଜୀବନ ମିଶନ୍ ଅଧୀନରେ ଦେଶର ୧୫ କୋଟି ଗ୍ରାମୀଣ ପରିବାରକୁ ପାଇପ୍ ଜଳ ସଂଯୋଗ ପ୍ରଦାନ କରି ଏକ ବୃହତ ସଫଳତା ହାସଲ କରିଛି । ୨୦୧୯ରେ ଥିବା ୩ କୋଟିରୁ ବୃଦ୍ଧି ପାଇ ୫ ବର୍ଷ ମଧ୍ୟରେ ଏହା ୧୫ କୋଟିରେ ପହଞ୍ଚିଛି । ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରତ୍ୟେକ ଗ୍ରାମୀଣ ଘରେ ପାଇପ୍ ଯୋଗେ ଜଳଯୋଗାଣ କରିବା ମିଶନ୍ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏଭଳି ପଦକ୍ଷେପ ଗ୍ରାମବାସୀଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିଛି । ବର୍ତ୍ତମାନ ସୁଦ୍ଧା ୮ଟି ରାଜ୍ୟ ଏବଂ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ଯୋଜନା ୧୦୦ ପ୍ରତିଶତ କାର୍ଯ୍ୟକାରୀ ହୋଇଛି । ସେଗୁଡ଼ିକ ମଧ୍ୟରେ ଗୋଆ, ତେଲଙ୍ଗାନା, ହରିୟାଣା, ଗୁଜରାଟ, ପଞ୍ଜାବ, ହିମାଚଳ ପ୍ରଦେଶ, ମିଜୋରାମ୍, ଅରୁଣାଚଳ ପ୍ରଦେଶ, ପୁଡୁଚେରୀ, ଦାଦର ଓ ନଗର ହାବେଳି, ଡାମନ୍ ଓ ଡିଉ ଏବଂ ଆଣ୍ଡାମାନ ଓ ନିକୋବର ଅନ୍ତର୍ଭୁକ୍ତ ।

# ଇଥିଓପିଆ

ଇଥିଓପିଆରେ ଭୂସ୍ଖଳନ ଯୋଗୁଁ ୧୫୫ ଜଣଙ୍କର ମୃତ୍ୟୁ ହୋଇଛି । ସେଠିକାର ଗଣମାଧ୍ୟମ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଦକ୍ଷିଣ ଗେଜ୍‌ଗୋଫା ଜିଲ୍ଲାରେ ଗତକାଲି ସକାଳେ ଏହି ଭୂସ୍ଖଳନ ହୋଇଥିଲା । ସ୍ଥାନୀୟ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମହିଳା ଏବଂ ଶିଶୁଙ୍କୁ ମିଶାଇ ୫୫ଟିରୁ ଅଧିକ ମୃତ ଦେହ ଉଦ୍ଧାର କରାଯାଇ ପାରିଛି । ତେବେ ଉଦ୍ଧାର କାର୍ଯ୍ୟ ଏବେ ମଧ୍ୟ ଜାରି ରହିଛି । ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।

ସୂଚନା ଯୋଗ୍ୟ ଇଥିଓପିଆରେ ଜୁଲାଇ ମାସରୁ ବର୍ଷା ଋତୁ ଆରମ୍ଭ ହୋଇ ସେପ୍ଟେମ୍ବର ମଧ୍ୟ ପର୍ଯ୍ୟନ୍ତ ଲାଗି ରହିଥାଏ ।

# ଏସିଆକପ୍ କ୍ରିକେଟ୍

ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାରେ ଆଜି ଗ୍ରୁପ୍-ଏ'ରେ ଶ୍ରୀଲଙ୍କାର ଦାମ୍ବୁଲାଠାରେ ଭାରତ-ନେପାଳ ମଧ୍ୟରେ ମୁକାବିଲା ଚାଲିଛି । ଭାରତ ଟସ୍ ଜିତି ବ୍ୟାଟିଂ କରୁଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୫ ଓଭରରେ କୌଣସି ୱିକେଟ୍ ନ ହରାଇ ୪୮ ରନ୍ ସଂଗ୍ରହ କରିଛି ।

ଭାରତୀୟ ମହିଳା କ୍ରିକେଟ୍ ଦଳ ଏହି ଶୃଙ୍ଖଳାରେ ଗ୍ରୁପ୍-ଏ'ର ଅଙ୍କ ତାଲିକାର ଶୀର୍ଷରେ ରହିଛି ଏବଂ ସେମିଫାଇନାଲ୍ ପର୍ଯ୍ୟାୟରେ ସ୍ଥାନ ପକ୍କା କରିସାରିଛି । ଅଧିନାୟକ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ଏହି ଶୃଙ୍ଖଳାରେ ପାକିସ୍ତାନ ଏବଂ ୟୁ.ଏ.ଇ.କୁ ପରାସ୍ତ କରିସାରିଛି ।